## ସଂକ୍ଷେପରେ

### ଦିନକରେ ୬୮୭ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୮।୫:** ଅନୁଗୋଳ ଜିଲାରେ ମଙ୍ଗଳବାର ୬୮୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୨୫ ହଜାର ୩୫୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟରପାଳ ବ୍ଲକରୁ ସର୍ବାଧିକ ୧୩୯ ଜଣ, ଛେଣ୍ଡିପଦା ବ୍ଲକରୁ ୮୮, ଅନୁଗୋଳ ପୌରାଞ୍ଚଳରୁ ୭୦, ବ୍ଲକରୁ ୫୫, ତାଳଚେର ବ୍ଲକରୁ ୭୦, ପୌରାଞ୍ଚଳରୁ ୧୫, କଣିହାଁ ବ୍ଲକରୁ ୬୬, ଆଠମଲ୍ଲିକ ବ୍ଲକରୁ ୬୫, କିଶୋରନଗର ବ୍ଲକରୁ ୩୮, ପାଲଲହଡ଼ା ବ୍ଲକରୁ ୨୪ ଓ ଆଠମଲ୍ଲିକ ଏନ୍ଏସିରୁ ୧୫ ଜଣ ରହିଛନ୍ତି। ଲକ୍ଷଣଯୁକ୍ତଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୯୯ ଜଣଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଲକ୍ଷଣ ବିହୀନଙ୍କୁ ନିଜ ଘରେ ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି। ସେହିପରି ଦିନକରେ ୪୨୮ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଦିନକରେ ୬ ଜଣଙ୍କ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବାବେଳେ କରଡ଼ାଗାଡ଼ିଆ ଶ୍ମଶାନରେ ସେମାନଙ୍କ ଶେଷକୃତ୍ୟ କରାଯାଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି।

### ୬୭ ଜଣଙ୍କ କରୋନା ଟେଷ୍ଟ

**କଣିହାଁ,୧୮।୫(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ପଞ୍ଚାୟତରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ସରପଞ୍ଚ ପଞ୍ଚାୟତକୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ମଧ୍ୟାହ୍ନ ୧୨ଟା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଜୀକୃତ ହୋଇଥିବା ୬୭ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀଙ୍କ ତତ୍ତ୍ୱାବଧାନରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଲାବ ଟେକ୍ନିସିଆନ ସଞ୍ଜୟ କେଶରୀ ଓ ରଶ୍ମିତା ବେହେରା ସ୍ୱାବ୍ ସଂଗ୍ରହ କରିଥିଲେ। ତେବେ ପଞ୍ଚାୟତର ସମସ୍ତ ଲୋକଙ୍କ ଟେଷ୍ଟିଂ କରିବାକୁ ସାଧାରଣରେ ଦାବି ହେଉଛି।

### ଖୋଲିଲା ନର୍ସିଂହୋମ

**କଣିହାଁ,୧୮।୫(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ସିଲ୍ ହୋଇଥିବା ଏକ ନର୍ସିଂହୋମ ମଙ୍ଗଳବାର ପୁଣି କାର୍ଯ୍ୟକ୍ଷମ ହୋଇଛି। ବିନା ରେଜିଷ୍ଟ୍ରେଶନରେ ଏହା ଚାଲୁଥିବା ଅଭିଯୋଗ ପାଇ ପ୍ରଶାସନ ପକ୍ଷରୁ ତାହାକୁ ସିଲ୍ କରାଯାଇଥିବା ବେଳେ ଜିଲାପାଳଙ୍କ ପତ୍ର ସଂଖ୍ୟା ୭୧୩/ ତା୨୯।୪।୨୧ ଅନୁସାରେ ପୂର୍ବାହ୍ନ ୧୧ଟାରେ ସିଲ୍ ଖୋଲାଯାଇଛି। ମାଜିଷ୍ଟ୍ରେଟ ଭାବେ କଣିହାଁ ତହସିଲଦାର, ରେଙ୍ଗାଳି ଥାନା ଆଇଆଇସି, ରେଙ୍ଗାଳି ପ୍ରୋଜେକ୍ଟ ଡାକ୍ତରଖାନାର ଡାକ୍ତର ସୁରଭ ସୁରେଶ୍ୱର ସାହୁଙ୍କ ଉପସ୍ଥିତିରେ ସିଲ୍ ଖୋଲାଯାଇଥିଲା।

### ସଚେତନ କରାଇଲେ ସରପଞ୍ଚ



**ବଇଣ୍ଡା,୧୮।୫(ଡି.ଏନ.ଏ.):** କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ କିଶୋରନଗର ବ୍ଲକ ଗାଁ ବଇଣ୍ଡା ସରପଞ୍ଚ ମାନସ ସାହୁ ନୂଆ ପ୍ରୟାସ ଆରମ୍ଭ କରିଛନ୍ତି। କିଛି ଦିନ ହେଲା ସେ ଯମ ବେଶ ହୋଇ ରାସ୍ତା, ଗ୍ରାମ ଓ ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ସଚେତନ କରୁଛନ୍ତି। ଗତ ରବିବାର ସେ ଆଠମଲ୍ଲିକ ବ୍ଲକ ପେଡିପଥର ଗ୍ରାମବାସୀଙ୍କୁ ସଚେତନ କରିଥିଲେ। କରୋନା କଟକଣା ମଧ୍ୟରେ ତାଙ୍କ ସହ ସ୍ୱପ୍ନେଶ୍ୱର ସାହୁ, ଆରୁଣୀ ଆଚାର୍ଯ୍ୟ, ସୁଜିତ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ବିଶେଷକରି ଘରୁ ବାହାରକୁ ଗଲେ ମାସ୍କ ପିନ୍ଧିବା ଓ ଜରୁରୀ ନ ଥିଲେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ଆଗକୁ ତୃତୀୟ ଲହର ଆସୁଥିବା ବେଳେ ସମସ୍ତେ ସଚେତନ ହେଲେ ମହାମାରୀକୁ ହରାଇପାରିବା ବୋଲି ଅଭିନୟ ମାଧ୍ୟମରେ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ।

### ଯୁବତୀଙ୍କ ଆତ୍ମହତ୍ୟା

**ଅନୁଗୋଳ ଅଫିସ, ୧୮।୫:** ଅନୁଗୋଳ ସହର ହେମସୁରପଡ଼ାରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ଖବରପାଇ ଅନୁଗୋଳ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୋମବାର ରାତିରେ ଯୁବତୀ ତାଙ୍କ ରୁମ୍‌କୁ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳେ ସେ ରୁମ୍‌ରୁ ନ ବାହାରିବାରୁ ପରିବାର ଲୋକ ସନ୍ଦେହ କରି ଝରକା ଭାଙ୍ଗିବା ପରେ ଯୁବତୀ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ମନ ଛୁଉଁଛି ମେଗା ଟିକାକରଣ

**ଅନୁଗୋଳ ଅଫିସ, ୧୮।୫**

- ଏଲ୍ଇଡି ସ୍କ୍ରିନ୍‌ରେ ଦେଖାଯାଉଛି ସରକାରୀ ଯୋଜନା
- ଷ୍ଟାଡିୟମ ପରିସରରେ ହେବ ସେଲ୍‌ଫି ପଏଣ୍ଟ
- ଆୟୋଜନରେ ରାଜ୍ୟରେ ପ୍ରଥମ ଅନୁଗୋଳ

ଅନୁଗୋଳ ଜିଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ଟିକା ପ୍ରଦାନ କରାଯାଉଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ଅନୁଗୋଳ ଷ୍ଟାଡିୟମ୍‌ଠାରେ ମେଗା ଟିକାକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟିକା ନେବାକୁ ଆସୁଥିବା ଜିଲାବାସୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଜଣାଇବାକୁ ଏଠାରେ ଏଲ୍ଇଡି ସ୍କ୍ରିନ୍ ବ୍ୟବସ୍ଥା ହୋଇଛି। ବସିବା ପାଇଁ ସ୍ୱତନ୍ତ୍ର କୋଠରି ସହ ପଙ୍ଖା, କୁଲର ଓ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହି ଆୟୋଜନ ଲୋକଙ୍କ ମନ ଛୁଉଁଥିବାବେଳେ ଷ୍ଟାଡିୟମ ପରିସରରେ ଏକ ସେଲ୍‌ଫି ପଏଣ୍ଟ ନିର୍ମାଣ କରାଯାଉଛି। ଟିକା ନେଉଥିବା ବ୍ୟକ୍ତି ଏହି ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇ ଏହାକୁ ଅଧିକ ସ୍ମରଣୀୟ କରିପାରିବେ।



ଷ୍ଟାଡିୟମଠାରେ ଟିକାଦାନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ଜିଲାପାଳ, ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ରାଜ୍ୟରେ ପ୍ରଥମ କରି ଅନୁଗୋଳ ଜିଲା ପକ୍ଷରୁ କରାଯାଇଥିବା ଏପରି ଆୟୋଜନକୁ ସହରବାସୀ ପ୍ରଶଂସା କରିଛନ୍ତି।

ଅନୁଗୋଳ ଜିଲା ପ୍ରଶାସନ ଓ ପୌର ପ୍ରଶାସନର ମିଳିତ ଉଦ୍ୟମରେ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ମେଗା ଟିକାକରଣ କାର୍ଯ୍ୟକ୍ରମରେ ୧୩ଶହ ଲୋକଙ୍କ ଟିକାକରଣ କରାଯାଇଛି। ମୋଟ୍ ୮ଟି କାଉଣ୍ଟର ଖୋଲାଯାଇଥିବାବେଳେ ଗହଳି ଏଡ଼ାଇବାକୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଟିକା ନେବାକୁ ଆସୁଥିବା ବ୍ୟକ୍ତିଙ୍କୁ ପୌର ପ୍ରଶାସନ ପକ୍ଷରୁ ଟୋକନ ବ୍ୟବସ୍ଥା କରାଯାଇ ଶୃଙ୍ଖଳିତ ଢଙ୍ଗରେ ଟିକା ପ୍ରଦାନ କରାଯାଉଛି। ସକାଳ ୮ଟାରୁ ୧୨ଟା ଯାଏ ଟୋକନଧାରୀଙ୍କୁ ଟିକା ଦିଆଯାଉଛି। ଗ୍ରୀଷ୍ମ ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ ପ୍ରତୀକ୍ଷାଳୟରେ ଫ୍ୟାନ୍ ଓ କୁଲର ବ୍ୟବସ୍ଥା କରାଯାଇଛି। ବିଶୁଦ୍ଧ ପାନୀୟ ଜଳର ବନ୍ଦୋବସ୍ତ ରହିଛି। ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଏଲ୍ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଉଛି। ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାବେଳେ ବୃଦ୍ଧାବୃଦ୍ଧଙ୍କୁ ଗେଟ୍ ନିକଟରୁ ପ୍ରତୀକ୍ଷାଳୟ ଯାଏ ସ୍ୱତନ୍ତ୍ର ଗାଡ଼ିରେ ଅଣାଯାଉଛି। ଟିକା ଅଭାବରୁ ଏହି ମେଗା ଆୟୋଜନ ଯେପରି ବନ୍ଦ ନ ହେବ ସେଥିପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଶୃଙ୍ଖଳିତ ଢଙ୍ଗରେ ଟିକାକରଣ ନିମନ୍ତେ ଅନୁଗୋଳ ପୋଲିସର ୧୨ ଜଣ ଅଧିକାରୀଙ୍କ ସହ ୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା, ଆଡିସନାଲ ଏସ୍‌ପି ପ୍ରସନ୍ନ ବିଶ୍ୱାଳ, ଉପଜିଲାପାଳ ବାସୁଦେବ ଶତପଥୀ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପ୍ରମୁଖ ଟିକାକରଣ କେନ୍ଦ୍ର ପରିଦର୍ଶନ କରିଛନ୍ତି।

## ତାଳଚେରରେ ହେବ ଡ୍ରାଇଭ୍ ଇନ୍ ଭାକ୍ସିନ୍

ଅନୁଗୋଳ ଜିଲା ତାଳଚେର ପୌରାଞ୍ଚଳରେ ଡ୍ରାଇଭ୍ ଇନ୍ ଭାକ୍ସିନ୍ ବ୍ୟବସ୍ଥା କରାଯିବ। ଏ ନେଇ ତାଳଚେର ପୌରପ୍ରଶାସନ ପକ୍ଷରୁ ସଜବାଜ ଆରମ୍ଭ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଳଚେରରେ ଏଭଳି ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି। ଗୁରୁବାର ଠାରୁ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଏହି ଡ୍ରାଇଭ୍ ଇନ୍ ଭାକ୍ସିନ୍ ବ୍ୟବସ୍ଥା ଆରମ୍ଭ ହେବ। ନିଜସ୍ୱ ଗାଡ଼ିରେ ଆସିଥିବା ଲୋକମାନଙ୍କୁ ସେହି ଗାଡ଼ି ମଧ୍ୟରେ ହିଁ ଟିକା ଦିଆଯିବ। ଏଥିପାଇଁ ୪ଟି କାଉଣ୍ଟର କରାଯିବ। ଗାଡ଼ି ପଡ଼ିଆ ଭିତରକୁ ପ୍ରବେଶ କରିବା ମାତ୍ରେ ସ୍ୱାସ୍ଥ୍ୟକର୍ମୀ ଆସି ଟିକା ପ୍ରଦାନ କରିବେ। ଭଡ଼ା ଗାଡ଼ିରେ ଆସିଲେ ପଡ଼ିଆକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ପଞ୍ଜୀକରଣ କରାଯାଇଥିବା ଆବଶ୍ୟକ। ଏହାଦ୍ୱାରା ଗହଳି କମିବା ସହ ଭିଡ଼ ନିୟନ୍ତ୍ରଣ ହୋଇପାରିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଟିକାକରଣ ସହ ଟେଷ୍ଟିଂ ବଢ଼ାଯିବ



ପ୍ରତି ବ୍ଲକକୁ ପୂର୍ବରୁ ଯେପରି ଟିକା ପ୍ରଦାନ କରାଯାଉଥିଲା ତାହା ଜାରିରହିବ। ଟିକାର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଏଠାରେ ଦୈନିକ ହଜାରେ ଲୋକଙ୍କୁ ଟିକାଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଡ୍ରାଇଭ୍ ଇନ୍ ଭାକ୍ସିନ ପାଇଁ ସ୍ୱତନ୍ତ୍ର ଭାବେ ଟିକା ଗଚ୍ଛିତ ରଖାଯାଇଛି। ଜିଲାରେ ଟେଷ୍ଟ ବଢ଼ାଇବାକୁ ସରକାରଙ୍କୁ ଅଢ଼େଇ ଲକ୍ଷ କିଟ୍ ମଗାଯାଇଛି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

### ପ୍ରଶାସନର ଅଭିନବ ପ୍ରୟାସ



ଜିଲା ପ୍ରଶାସନର ଏପରି ଅଭିନବ ପ୍ରୟାସ ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି। ଏହି କେନ୍ଦ୍ରରେ ଶୃଙ୍ଖଳିତ ଢଙ୍ଗରେ ଟିକାଦାନ କରାଯାଉଛି। ଫଳରେ ଟିକା ନେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖାଦେବ। ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ କରାଗଲେ ଜିଲାର ସମସ୍ତ ଲୋକ ସୁବିଧାରେ ଓ ଶୀଘ୍ର ଟିକା ପାଇପାରିବେ।

-ମିନତି ପ୍ରଧାନ, ଅନୁଗୋଳ

### ସଂକ୍ରମଣ ଭୟ ଦୂର ହେଉଛି



ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯାଉଥିଲେ ମଧ୍ୟ ସେଠାରେ ଭିଡ଼ ପରିଲକ୍ଷିତ ହେଉଥିଲା। ତେଣୁ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଟିକା ନେବାବେଳେ ସଂକ୍ରମଣ ଆଶଙ୍କା ଦେଖାଦେଉଥିଲା। ତେବେ ଷ୍ଟାଡିୟମରେ କରାଯାଇଥିବା ଏହି ମେଗା ଟିକାକରଣ ଆୟୋଜନକୁ ଦେଖିଲେ ମନରୁ ସଂକ୍ରମଣ ଭୟ ଦୂର ହୋଇଯିବ।

-ସତ୍ୟନାରାୟଣ ନାୟକ, ବ୍ୟାଙ୍କ କର୍ମଚାରୀ, ଅନୁଗୋଳ

### ଅଧିକ ଫ୍ୟାନ, କୁଲର ବ୍ୟବସ୍ଥା ହେଉ



ଅନୁଗୋଳ ଷ୍ଟାଡିୟମରେ ଅତି ଶୃଙ୍ଖଳିତ ବ୍ୟବସ୍ଥା ମଧ୍ୟରେ ଟିକାକରଣ କରାଯାଉଛି। ଟୋକନଧାରୀ ଲୋକଙ୍କ ବସିବା ଠାରୁ ଆରମ୍ଭ କରି ସେଲ୍‌ଫି ଉଠାଇବା ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟକ୍ରମ ଲୋକଙ୍କ ମନକୁ ପାଉଛି। ତେବେ ଗ୍ରୀଷ୍ମ ପ୍ରବାହ ଜାରିରହିଥିବାରୁ ସେଠାରେ ଅଧିକ ଫ୍ୟାନ୍ ଓ କୁଲର ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା।

-ପ୍ରୀତିପରମିତା ନନ୍ଦ, ଅନୁଗୋଳ

### ଜିଲାବାସୀ ଏଠାରେ ଟିକା ନେଇପାରିବେ



ଟିକା ଅଭାବ କାରଣରୁ ବେଳେ ବେଳେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ତେଣୁ ଜିଲାର କୋଣ ଅନୁଗୋଳରୁ ଆସୁଥିବା ଲୋକଙ୍କୁ ଏଠାରେ ଟିକା ଦିଆଯାଇପାରିବ। ସେଥିପାଇଁ ପ୍ରଶାସନ ପକ୍ଷରୁ ଏପରି ମେଗା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅଯଥାରେ ଗହଳି ନ କରି ଟିକା ନେବାକୁ ଅନୁରୋଧ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### କୋଭିଡ୍ କେୟାର ସେଣ୍ଟର ଦାବି

**ଆଠମଲ୍ଲିକ,୧୮।୫(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ତେଣୁ ଆଠମଲ୍ଲିକ, କିଶୋରନଗର ମଧ୍ୟସ୍ଥଳରେ ଏକ କୋଭିଡ୍ କେୟାର ସେଣ୍ଟର ସ୍ଥାପନ କରିବାକୁ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରକାଶ ଡାଙ୍ଗ ସୋସିଆଲ ମିଡ଼ିଆ ମାଧ୍ୟମରେ ରାଜ୍ୟ ସରକାର ଓ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

### ମଦ ଦୋକାନ ନିର୍ମାଣ ବନ୍ଦ ହେଉ

**ବଇଣ୍ଡା,୧୮।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ବୈଷ୍ଣବସାହିରେ ବିଦେଶୀ ମଦ ବିକ୍ରି ପାଇଁ ଏକ ଗୃହ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଜନ ବସତିରେ ମଦ ଦୋକାନ ନିର୍ମାଣକୁ ଶରଧାମୁଣ୍ଡା ଓ ବୈଷ୍ଣବସାହି ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଦୁଇ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଏଠାରେ ମଦ ଦୋକାନ ଖୋଲାଗଲେ ଜନବସତି ଉପରେ କୁ ପ୍ରଭାବ ପଡ଼ିବ। ଏହା ନିକଟରେ ଅଙ୍ଗନୱାଡ଼ି, ସ୍କୁଲ ରହିଛି। ମଦ ଦୋକାନ ଯୋଗୁ ଛାତ୍ରୀଛାତ୍ରମାନେ ଅସୁରକ୍ଷିତ ମନେ କରିବେ। ଏହି ରାସ୍ତା ଦେଇ ଦୈନିକ ୧୦ଟି ଗ୍ରାମର ଲୋକେ ଯାତାୟାତ କରୁଥିବାବେଳେ ସନ୍ଧ୍ୟା ହେଲେ ସେମାନେ ମଦ୍ୟପଙ୍କୁ ଭୟ କରିବେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ତଦନ୍ତ କରିବା ସହ ମଦ ଦୋକାନ ନିର୍ମାଣ ବନ୍ଦ କରିବାକୁ ଗ୍ରାମର ମଞ୍ଜୁବାଳା ସ୍ୱାଇଁ, କୃଷ୍ଣଚନ୍ଦ୍ର ସେନାପତି, ରମେଶ ଚନ୍ଦ୍ର ସାହୁ, ରଞ୍ଜିତ କୁମାର ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ମନ୍ଦାକିନୀ ପ୍ରଧାନ, ଅବନୀ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଲକ୍ଷ୍ମୀଧର ଦେହୁରୀ, ନୀର ରାଉଳ, ବାସନ୍ତୀ ଶଙ୍ଖାରି ପ୍ରମୁଖ ଦାବି କରିଛନ୍ତି। ଏ ନେଇ କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର କହିଛନ୍ତି, ମଦ ଦୋକାନ ପାଇଁ ସେଭଳି କିଛି ଅନୁମତି ଦିଆଯାଇନାହିଁ। ଜନଗହଳି ପୂର୍ଣ୍ଣ ସ୍ଥାନରେ ମଦ ଦୋକାନ ଖୋଲିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୬ ଥାନାରେ ଗଠନ ହେଲା ସ୍ପେଶାଲ ସ୍କ୍ୱାଡ୍




**ଅନୁଗୋଳ ଅଫିସ, ୧୮।୫**

ଅନୁଗୋଳ ଜିଲାର ୬ଟି ଥାନାରେ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ସ୍କ୍ୱାଡ୍‌ରେ ଜଣେ ଲେଖାଏ ସବ୍ଇନ୍ସପେକ୍ଟରଙ୍କ ସହ ଜଣେ ସହଯୋଗୀ ରହିବେ। ତେବେ ଏହି ସ୍କ୍ୱାଡ୍ ଚୋରି, ଡକାୟତି, ରାହାଜାନି ରୋକିବା ଦିଗରେ କାର୍ଯ୍ୟ କରିବା ସହ ଅପରାଧୀମାନଙ୍କୁ କାବୁ କରିବେ। ଏହା ବ୍ୟତୀତ ସେମାନଙ୍କୁ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ କରାଯିବ ନାହିଁ ବୋଲି ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଏକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅବଗତ କରାଇଛନ୍ତି। ପ୍ରପର୍ଟି ଅଫେନ୍ସ ରୋକିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ଅନୁଗୋଳ ପୋଲିସ ପକ୍ଷରୁ ଏପରି ସ୍କ୍ୱାଡ୍ ଗଠନ କରାଯାଇଛି। ଅନୁଗୋଳ ଟାଉନ୍ ଥାନା ସହ ସଦର ଥାନା, ନାଲ୍‌କୋ ଥାନା, କୋଲିୟାରୀ ଥାନା, ତାଳଚେର ଥାନା ଓ ବଣ୍ଟରପାଳ ଥାନାରେ ପ୍ରଥମେ ଏହି ସ୍କ୍ୱାଡ୍ ଗଠନ କରାଯାଇଛି। ଏ ସମ୍ପର୍କରେ ଅନୁଗୋଳ ଏସ୍‌ପି ମୀନା କହିଛନ୍ତି, ଗତବର୍ଷର ଆପରାଧିକ କାର୍ଯ୍ୟକଳାପକୁ ଅନୁଧ୍ୟାନ କରି ଏହି ୬ଟି ଥାନାରେ ଏହି ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ ଥିବା ଅଧିକାରୀମାନେ ସ୍ୱତନ୍ତ୍ର ଭାବେ ଅପରାଧୀଙ୍କ ଉପରେ ନଜର ରଖିବେ। ଫଳରେ ଜିଲାରେ ହେଉଥିବା ଚୋରି, ଡକାୟତି, ରାହାଜାନି କମିବ। ଏଥିସହ ସ୍ପେଶାଲ ସ୍କ୍ୱାଡ୍‌ରେ ନିୟୋଜିତ ଥିବା ଅଧିକାରୀମାନେ ସେମାନଙ୍କ ଗୋଇନ୍ଦା ଲଗାଇ କେଉଁ ଅପରାଧୀ ଜେଲରେ ରହିଛନ୍ତି, କିଏ କେଉଁଦିନ ଜେଲରୁ ବାହାରିଲେ ତାହା ଅନୁଧ୍ୟାନ କରି କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

## ବଣ୍ଟରପାଳ ବ୍ଲକରେ ପୋଲିସ ପଇଁତରା

**ଅନୁଗୋଳ ଅଫିସ, ୧୮।୫**

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକରୁ ଜିଲାର ସର୍ବାଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ କରୋନା ବ୍ୟାପିବାରେ ଲାଗିଛି। ତଥାପି ଲୋକେ ଅମାନିଆ ହେଉଥିବାରୁ ସେମାନଙ୍କୁ ସାବାଡ଼ୁ କରିବା ସହ ଅଞ୍ଚଳବାସୀଙ୍କୁ ସଚେତନ କରିବାକୁ ବିଭିନ୍ନ ସ୍ଥାନରେ ମଙ୍ଗଳବାର ପ୍ରଶାସନ ଓ ପୋଲିସ ପକ୍ଷରୁ ପଇଁତରା ମରାଯାଇଛି। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କ ନେତୃତ୍ୱରେ ପ୍ରଶାସନ ଓ ପୋଲିସ ଅଧିକାରୀମାନେ ନାଲ୍‌କୋ ଟାଉନ୍‌ଶିପ୍ ସହ ବଳରାମପ୍ରସାଦ, ସିପିପି, କାଣ୍ଡସର, ଗିରାଙ୍ଗ, ବଣ୍ଟରପାଳ ଅଞ୍ଚଳରେ ବୁଲିଥିଲେ। କାଣ୍ଡସରଠାରେ ଏକ ରାଶନ ଦୋକାନ ସନ୍ଧ୍ୟାରେ ଖୋଲା ଥିବାରୁ ତାହାକୁ ସିଲ୍ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବଣ୍ଟରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାର ସୁଶାନ୍ତ ନାୟକ, ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ, ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ, ସୁଶାନ୍ତ ମହାପାତ୍ର, ନାଲ୍‌କୋ ଥାନା ଅଧିକାରୀ ବିନ୍ଦୁ ବାସିନୀ ବିଶ୍ୱାଳଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ସାମିଲ ଥିଲେ।



ବଣ୍ଟରପାଳରେ ପହଞ୍ଚିଥିବା ପୋଲିସ ଟିମ୍।

## ସଂକ୍ରମିତ କରୁଛନ୍ତି କଟକଣା ଉଲ୍ଲଂଘନ

**ମାଧପୁର, ୧୮।୫**

ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳରେ କରୋନା ସଂକ୍ରମଣ ବଢୁଥିବାବେଳେ କେତେଜଣ ସଂକ୍ରମିତ କଟକଣା ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। କରୋନାରେ ଆକ୍ରାନ୍ତ ସମ୍ପର୍କରେ ଜାଣିବା ପରେ ମଧ୍ୟ ସେମାନେ ବଜାରରେ ବୁଲାବୁଲି କରୁଥିବା ଦେଖାଯାଉଛି। ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଏହାକୁ ବିରୋଧ କରୁନାହାନ୍ତି କି ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଉନାହାନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି ହେଉଛି। ମାଧପୁର ସରପଞ୍ଚ ଗଣେଶ୍ୱର ଜେନା କହିଛନ୍ତି, ଘରେ ସଙ୍ଗରୋଧରେ ରହୁଥିବା ସଂକ୍ରମିତଙ୍କ ଉପରେ ନଜର ରଖିବାକୁ ଅଙ୍ଗନୱାଡ଼ିକୁ ଦାୟିତ୍ୱ ଦିଆଯାଇଛି। ତଥାପି ଯଦି ସଂକ୍ରମିତମାନେ ନ ମାନିବେ, ପୋଲିସର ଦୃଷ୍ଟି ଆକର୍ଷଣ କରାଯିବ।

## କଫ ସିରପ ଜବତ, ୩ ଗିରଫ

**କଣିହାଁ, ୧୮।୫ (ଡି.ଏନ.ଏ.)**

ବେଆଇନ ଭାବେ ମଦ ଓ କଫ ସିରପ ଗଚ୍ଛିତ କରି ବିକ୍ରି କରିବା ଅଭିଯୋଗରେ ୩ ଜଣଙ୍କୁ ଅନୁଗୋଳ ଜିଲା କଣିହାଁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେହୁରୀଭୂଇଁ ଗ୍ରାମର ଭୀମସେନ ମହାପାତ୍ର, ନକୁଳ ମହାପାତ୍ର ଓ ମାନସ ଦେହୁରୀ। ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ସୋମବାର ଅପରାହ୍ନରେ ଦେହୁରୀଭୂଇଁ ଗ୍ରାମର ଭୀମସେନ ମହାପାତ୍ରଙ୍କ ଘର ପାଖ ଏକ ଗ୍ୟାରେଜ ଉପରେ ସବ୍ଇନ୍ସପେକ୍ଟର ସ୍ମିତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ୨୪୩ଟି କଫ ସିରପ ସହ ୧୫୦ ଲିଟର ବିଦେଶୀ ମଦ ଜବତ କରିଥିଲା। ଏଥିସହ ଏକ ଫ୍ରିଜ୍ ଓ ଖଣ୍ଡା ଜବତ ହୋଇଥିଲା। ଚଢ଼ାଉ ବେଳେ ମାଜିଷ୍ଟ୍ରେଟ୍ ଭାବେ କଣିହାଁ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ ଉପସ୍ଥିତ ଥିଲେ। ଏ ନେଇ ନଂ. ୧୩୧/୨୧ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ପ୍ରକାଶ କରିଛନ୍ତି।

# ୧୩ ଘଣ୍ଟା ପଡ଼ିରହିଲା ମୃତଦେହ

**ଛେଣ୍ଡିପଦା,୧୮।୫(ସ୍ୱ.ପ୍ର.)**

କରୋନା ସଂକ୍ରମିତ ହୋଇ ଘରେ ସଙ୍ଗରୋଧରେ ଥିବା ଜଣେ ବ୍ୟକ୍ତିଙ୍କ ସୋମବାର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ପରିବାର ଲୋକେ ପଜିଟିଭ୍ ରିପୋର୍ଟ ଦେଖାଇ ନ ପାରିବାରୁ ପ୍ରଶାସନ ମୃତଦେହ ସତ୍କାରରେ ଦୀର୍ଘ ୧୩ ଘଣ୍ଟା ବିଳମ୍ବ କରିଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଖମାର ଗ୍ରାମରେ ଘଟିଛି ଏହି ଘଟଣା।

ପ୍ରକାଶ ଯେ, ଗ୍ରାମର ପବନା ମାଝିଙ୍କ ଦେହ ଗତ ୧୩ ତାରିଖରେ ଅସୁସ୍ଥ ହୋଇଥିଲା। ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତେବେ ସୁସ୍ଥ ଥିବାରୁ ଘରେ ସଙ୍ଗରୋଧରେ ରହୁଥିଲେ। ସୋମବାର ହଠାତ ଅକ୍ସିଜେନ ମାତ୍ରା କମିଯିବାରୁ ତାଙ୍କର ଘରେ ମୃତ୍ୟୁ ହୋଇଥିଲା। କରୋନାରେ ମୃତ୍ୟୁ ହୋଇଥିବାରୁ ମୃତଦେହ ନିକଟକୁ ସାହିଭାଇ କିବନ୍ଧୁବାନ୍ଧବ କେହି ଆସି ନ ଥିଲେ। ଏ ନେଇ ପରିବାର ପକ୍ଷରୁ ଛେଣ୍ଡିପଦା ତହସିଲଦାର ଓ ବିଡିଓଙ୍କୁ ଖବର ଦିଆଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ପଜିଟିଭ୍ ରିପୋର୍ଟ ମଗାଯାଇଥିଲା। ଡାକ୍ତରଖାନା ପକ୍ଷରୁ ସେମାନଙ୍କୁ ଟେଷ୍ଟ ବେଳେ ପଜିଟିଭ୍ ରିପୋର୍ଟ ଦିଆଯାଇ ନ ଥିବା ପରିବାରବର୍ଗ କହିଥିଲେ। ହେଲେ ରିପୋର୍ଟ ନ ଦେଲେ ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା ହୋଇପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ପରେ ପରିବାର ଲୋକେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଯୋଗାଯୋଗ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗାଁରେ ଆମ୍ବୁଲାନ୍ସ ପହଞ୍ଚିଥିଲା। ପଜିଟିଭ୍ ରିପୋର୍ଟ ନ ଥିବାରୁ ମୃତଦେହ କରଡାଗାଡିଆ ଶ୍ମଶାନ ନେବା ପରିବର୍ତ୍ତେ ଜିଲା ଶବା ଗୃହରେ ରଖାଯାଇଥିଲା। ଏ ନେଇ ଟୁଇଟ ମାଧ୍ୟମରେ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଥିଲା। ଟୁଇଟ୍‌ର ଉତ୍ତରରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ ଯେ, ରାତ୍ରି ହୋଇଯିବାରୁ ମୃତଦେହ ଦାହରେ ବିଳମ୍ବ ହୋଇଥିଲା। ମଙ୍ଗଳବାର କୋଭିଡ୍ ନିୟମାନୁଯାୟୀ ଶେଷକୃତ୍ୟ କରାଯାଇଛି।



ମୃତଦେହ ଆମ୍ବୁଲାନ୍ସରେ ନିଆଯାଉଛି।

# ଅଟୋ ଆମ୍ବୁଲାନ୍ସ ଶୁଭାରମ୍ଭ

**ଆଠମଲ୍ଲିକ,୧୮।୫(ଡି.ଏନ.ଏ.)**

କରୋନା ମୁକାବିଲା କରିବାକୁ ଆଠମଲ୍ଲିକ ବ୍ଲକ ପ୍ରଶାସନ ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ପଞ୍ଚାୟତର ଗୁରୁତର କୋଭିଡ୍ ରୋଗୀଙ୍କୁ ମେଡିକାଲରେ ପହଞ୍ଚାଇବା ପାଇଁ ମଙ୍ଗଳବାର ଅଟୋ ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଅନୁଗୋଳ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହରିହର ପାଢୀ (ବୈଷୟିକ), ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୯ଟି ଅଟୋକୁ ଜରୁରୀ ଆମ୍ବୁଲାନ୍ସ ସେବାରେ ନିୟୋଜିତ କରାଯାଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ଅଟୋ ଚାଳକଙ୍କୁ ଗୋଟିଏ ପିପିଇ କିଟ୍, ଦୁଇଟି ମାସ୍କ, ଗୋଟିଏ ସାନିଟାଇଜର ବୋତଲ, ଦୁଇ ପରସ୍ତ ବିଶିଷ୍ଟ ପଲିଥିନ ଓ ଗୋଟିଏ ଲଗ୍‌ବୁକ ଦିଆଯାଇଛି। ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। କମ୍ପଲା ପଞ୍ଚାୟତ ପାଇଁ ଅଟୋ ଚାଳକ ସୁରେଶ ମହାକୁଡ଼ (ମୋବାଇଲ ନଂ. ୯୬୬୮୦୯୪୦୧୩), କୁରୁମଟାପ ପଞ୍ଚାୟତ ପାଇଁ ସନ୍ତୋଷ କୁମାର ବେହେରା (ନଂ. ୬୩୦୧୯୨୪୧୭୪), ପୁରୁଣାମାଣତ୍ରୀ ପାଇଁ ସୁବାସ ବଡମାଳି (ନଂ. ୭୦୦୮୩୦୬୮୨୦), ଲୁହାସିଙ୍ଗା ପଞ୍ଚାୟତ ପାଇଁ ସଂଜିତ ନାଏକ (ନଂ. ୭୬୮୦୬୪୩୭୮), ମାଧପୁର ପଞ୍ଚାୟତ ପାଇଁ ସୁଶାନ୍ତ କୁମାର ପ୍ରଧାନ (ନଂ. ୯୯୩୭୭୩୬୭୪୦), ସାପଘରା ପଞ୍ଚାୟତ ପାଇଁ ସୁମନ୍ତ ନାୟକ (ନଂ. ୯୩୪୮୧୬୫୨୬୭), ଅଏଡା ପଞ୍ଚାୟତ ପାଇଁ ଦେବରାଜ ସାହୁ (ନଂ. ୮୦୧୮୩୮୬୮୯୫) ଏବଂ ମଇମୁରା ପଞ୍ଚାୟତ ପାଇଁ ସଞ୍ଜୟ ସାହୁ (ନଂ. ୭୬୫୫୦୪୩୪୭୨)ଙ୍କୁ ନିୟୋଜିତ କରାଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଆଗାମୀ ଦିନରେ ଅନ୍ୟ ପଞ୍ଚାୟତରେ ଏଭଳି ଅଟୋ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ବୋଲି ବିଡିଓ ସାହୁ କହିଛନ୍ତି।



ବ୍ଲକ ପ୍ରଶାସନ ପକ୍ଷରୁ ଅଟୋ ଚାଳକଙ୍କୁ ପିପିଇ କିଟ୍ ଓ ଅନ୍ୟ ସାମଗ୍ରୀ ପ୍ରଦାନ କରାଯାଉଛି।

